# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 March - 2024

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ‘ଶାନ୍ତି ପାଇଁ ଜଳ’ର ବାର୍ତ୍ତା ନେଇ ସାରା ବିଶ୍ୱରେ ଆଜି ପାଳନ କରାଯାଉଛି ବିଶ୍ୱ ଜଳଦିବସ
- ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡକ୍ଟର ଦାମୋଦର ରାଉତଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା
- କୋରାପୁଟ ଜିଲ୍ଲାରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

ଏବଂ

- ଯୁକ୍ତଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ

# ବିଶ୍ୱ ଜଳ ଦିବସ

ଜଳ ହେଉଛି ପ୍ରକୃତିର ଉପାଦାନ ଏବଂ ଏହା ମାନବ ଏବଂ ପ୍ରାଣୀ ଜାତିର ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଜଳସମସ୍ୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ୟାର ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବା ଲକ୍ଷ୍ୟ ନେଇ ୧୯୯୩ ମସିହାଠାରୁ ଜାତିସଂଘ ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖ ଆଜିର ଦିନକୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରୁଛି। ପୃଥିବୀର ୭୧ ପ୍ରତିଶତ ହେଉଛି ଜଳ। ତଥାପି ଧରାପୃଷ୍ଠରେ ଅନେକ ସ୍ଥାନରେ ଜଳର ଅଭାବ ଦେଖାଦେଉଛି। ବାସ୍ତବ ଚିତ୍ରକୁ ଦେଖିଲେ ଜଣାପଡେ ପୃଥିବୀର ମୋଟ ଜଳର ୯୭ ପ୍ରତିଶତ ସାଗର ଏବଂ ମହାସାଗରରେ ଅଛି। ଲବଣ ଅଂଶ ଅଧିକ ଥିବା ଯୋଗୁଁ ମନୁଷ୍ୟ ଏବଂ ପ୍ରାଣୀ ଜଗତ ଏବଂ ଚାଷ କାମ ପାଇଁ ଜଳ ଗ୍ରହଣଯୋଗ୍ୟ ହୋଇନଥାଏ। ଏକ ଆକଳନରୁ ଜଣାପଡିଛି, ପୃଥିବୀର ମାତ୍ର ଶୂନ ଦଶମିକ ୫ ପ୍ରତିଶତ ଜଳକୁ ୮ଶହ କୋଟିରୁ ଊର୍ଦ୍ଧ୍ୱ ଲୋକ, ପ୍ରାଣୀ, ଏବଂ କୃଷି କାର୍ଯ୍ୟ ପାଇଁ ବ୍ୟବହାର କରିଥାନ୍ତି। ଭୌଗୋଳିକ ସ୍ଥିତିରୁ ଦେଖିଲେ, ପୃଥିବୀର କେଉଁ ସ୍ଥାନରେ ଅତ୍ୟଧିକ ଜଳ ଗଚ୍ଛିତ ଥିବାବେଳେ ଅନ୍ୟ କେତେକ ସ୍ଥାନରେ ଆବଶ୍ୟକତା ଠାରୁ ବହୁତ କମ୍ ପରିମାଣର ଜଳ ଥାଏ। ବିଶ୍ୱରେ ୨୨୦ କୋଟି ଲୋକ ସ୍ୱଚ୍ଛ ପାନୀୟ ଜଳ ପାଇ ପାରୁ ନାହାନ୍ତି। ସେହିଭଳି ୧୫୩ଟି ଦେଶର ୩୦୦ କୋଟି ଲୋକ ନଦୀ ଏବଂ ହ୍ରଦର ଜଳ ଉପରେ ନିର୍ଭର କରିଥାନ୍ତି। ବିଶ୍ୱର ମୋଟ୍ ମଧୁର ଜଳର ୭୨

ପ୍ରତିଶତ କୃଷି କାର୍ଯ୍ୟ, ୧୬ ପ୍ରତିଶତ ଘରୋଇ ବ୍ୟବହାର ଏବଂ ୧୨ ପ୍ରତିଶତ ଜଳ କଳକାରଖାନା ପାଇଁ ବ୍ୟବହୃତ ହୋଇଥାଏ। ଜଳର ସୁରକ୍ଷା, ସ୍ୱଚ୍ଛତା ଏବଂ ସୁରକ୍ଷିତ ଜଳର ବ୍ୟବହାର ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଣି ପଞ୍ଚାୟତଗୁଡ଼ିକ ପକ୍ଷରୁ ଜଳଦିବସ ପାଳନ କରାଯାଉଛି।

ଚଳିତବର୍ଷ ପାଇଁ ଜଳ ଦିବସର ବାର୍ତ୍ତା ରହିଛି 'ଶାନ୍ତି ପାଇଁ ଜଳ' । ଦେଶ-ଦେଶ କିମ୍ବା ଅନ୍ୟ ରାଜ୍ୟ ମଧ୍ୟରେ ଜଳକୁ ନେଇ ବିବାଦ ହେବା ପରିବର୍ତ୍ତେ ସହଯୋଗଭିତ୍ତିରେ ଏହାର ବ୍ୟବହାର ହେବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦିବସ ବାର୍ତ୍ତା ଦେଉଛଇ।

ଭୂତଳ ଜଳସ୍ତର ହ୍ରାସ ପାଇବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳ ମିଳିବା ସମ୍ଭବପର ହେଉନାହିଁ ବୋଲି ଜଳସମ୍ପଦ ବିଭାଗ ଓ ଜଳଆୟୋଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଳସ୍ତର ହ୍ରାସ ଯୋଗୁଁ ଅଧିକ ସମୟ ପର୍ଯ୍ୟନ୍ତ ନଳକୂପଗୁଡ଼ିକ ପାଣି ଯୋଗାଇ ପାରୁ ନାହିଁ। ରାଜ୍ୟରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୨ ପ୍ରତିଶତ ଜଳସ୍ତର ହ୍ରାସ ପାଇଛି ବୋଲି ଜଳସମ୍ପଦ ବିଭାଗର ଏକ ଆକଳନରୁ ଜଣାପଡିଛି।

## ଦାମୋଦର ରାଉତଙ୍କ ପରଲୋକ

ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଡକ୍ଟର ଦାମୋଦର ରାଉତଙ୍କ ଦେହାନ୍ତ ଓଡ଼ିଶା

ରାଜନୀତିରେ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି। ଲୋକଙ୍କର ସେବା ଲାଗି ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

କେନ୍ଦ୍ର ଶିକ୍ଷା, ଦକ୍ଷତାବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଡକ୍ଟର ଦାମୋଦର ରାଉତ ଜଣେ ସ୍ପଷ୍ଟବାଦୀ ଓ ଅନୁଭବୀ ରାଜନେତା ଥିଲେ। ଦୀର୍ଘବର୍ଷ ଧରି ରାଜନୀତିରେ ସକ୍ରିୟ ରହି ଲୋକମାନଙ୍କର କଲ୍ୟାଣ କାର୍ଯ୍ୟରେ ଡକ୍ଟର ରାଉତ ନିୟୋଜିତ ଥିଲେ।

## ଦାମୋଦର ରାଉତ-୨

ଓଡ଼ିଶା ରାଜନୀତିରେ ରାଜନେତା ଭାବେ ପ୍ରଥମ ଥର ପାଇଁ ଡକ୍ଟର ଦାମୋଦର ରାଉତ ୧୯୭୭ ମସିହାରେ ଜନତା ଦଳରୁ ଏର୍‌ସମାର ବିଧାୟକ ହୋଇଥିଲେ। ପରବର୍ତ୍ତୀ ସମୟରେ  ପୁଣି ଥରେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଏର୍‌ସମାରୁ ବିଧାୟକ ହେବା ପରେ ବିଜୁ ଜନତା ଦଳରୁ ୨୦୦୨ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ରାଜନୀତିକ ଜୀବନ କାଳ ମଧ୍ୟରେ ଡକ୍ଟର ରାଉତ ୭ ଥର ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବା ସହିତ ସରକାରଙ୍କର ବିଭିନ୍ନ ବିଭାଗରେ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ୧୯୪୨ ମସିହା ଜୁଲାଇ ମାସ ୨ ତାରିଖରେ ଜଗତ୍‌ସିଂହପୁର ଜିଲ୍ଲା ଏରସମା ବ୍ଲକ୍ ମାଳିପୁର ଗାଁରେ ଜନ୍ମଗ୍ରହଣ କରିଥିବା ଡକ୍ଟର ରାଉତ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ସୂଚନା ଓ ଲୋକସମ୍ପର୍କ ବିଭାଗର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଡକ୍ଟର ରାଉତଙ୍କର ଗତକାଲି ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ଭୁବନେଶ୍ୱରର ଏକ

ଘରୋଇ ହସ୍‌ପିଟାଲରେ ତାଙ୍କୁ ଚିକିତ୍ସା କରାଯାଉଥିଲା। ଚିକିତ୍ସାଧିନ ଅବସ୍ଥାରେ ଆଜି ଭୋର ସାଢ଼େ ୫ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଡକ୍ଟର ରାଉତଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ କରାଯିବ ବୋଲି ତାଙ୍କ ପୁଅ ତଥା ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି।

## ଆଇନ୍‌ଜୀବୀ-ନାମ ପଞ୍ଜୀକରଣ

ଓଡ଼ିଶା ହାଇକୋର୍ଟର ନିର୍ଦ୍ଦେଶନାମା ଅନୁସାରେ ଜଣେ ଆଇନ୍‌ଜୀବୀଙ୍କୁ ପରିଚୟପତ୍ର ପ୍ରଦାନବେଳେ ସେଥିରେ ଆଇନ୍‌ଜୀବୀ କେଉଁ ତାରିଖରେ ନିଜ ନାମ ପଞ୍ଜୀକରଣ କରିଛନ୍ତି, ତାର ସୂଚନା ରହିବ। ରାଜ୍ୟ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ପ୍ରତ୍ୟେକ ବାର୍‌କୁ ଚିଠି ଲେଖି ଏ ସଂକ୍ରାନ୍ତରେ ଜଣାଇବାକୁ ଅଦାଲତ ତାଙ୍କର ଆଦେଶରେ କହିଛନ୍ତି। ହାଇକୋର୍ଟ ଗତକାଲି ଭୁବନେଶ୍ୱର ବାର୍ ଆସୋସିଏସନ୍‌ର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପାଇଁ ଆବେଦନ କରିଥିବା ଜଣେ ଓକିଲଙ୍କର ମାମଲାକୁ ବିଚାର କରି ଏହି ରାୟ ଦେଇଛନ୍ତି।

## କୋରାପୁଟ ଜିଲ୍ଲା ଗସ୍ତ

ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ସମୀକ୍ଷା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ଗସ୍ତରେ ଅଛନ୍ତି। ସେ ସଦ୍‌ଭାବନା ଗୃହରେ ରାଜ୍ୟ ପୁଲିସ୍ ନୋଡାଲ୍ ଅଧିକାରୀ, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ନବରଙ୍ଗପୁରର ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ସହ ନିର୍ବାଚନ ପ୍ରସ୍ତୁତିର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ଗସ୍ତରେ ଥିବା ମୁଖ୍ୟ

ନିର୍ବାଚନ ଅଧିକାରୀ ଆଜି କେତେକ ମତଦାନ କେନ୍ଦ୍ରକୁ ବୁଲିବାର କାର୍ଯ୍ୟକ୍ରମ ରହିଛି ।

## ବଲାଙ୍ଗିର ନିର୍ବାଚନ ମଣ୍ଡଳୀ

ବଲାଙ୍ଗିର ଜିଲ୍ଲାରେ ସାଧାରଣ ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ମେ' ୨୦ ତାରିଖରେ ଭୋଟ୍‌ଗ୍ରହଣ ହେବ । ଜିଲ୍ଲାର ବଲାଙ୍ଗିର ସଦର, ଲୋଇସିଂହା, ପାଟଣାଗଡ଼, କଣ୍ଟାବାଞ୍ଜି, ଟିଟିଲାଗଡ଼ ବିଧାନସଭା ଆସନ ପାଇଁ ଭୋଟ ନିଆଯିବ ବୋଲି ନିର୍ବାଚନ କମିଶନ ଦିନ ଧାର୍ଯ୍ୟ କରିଛନ୍ତି । ଏହାଛଡ଼ା ଏହି ୫ଟି ବିଧାନସଭା ଆସନ ସହିତ ସୁବର୍ଣ୍ଣପୁର ଜିଲ୍ଲାର ୨ଟି ବିଧାନସଭା ମଣ୍ଡଳୀକୁ ନେଇ ପଞ୍ଚମ ପର୍ଯ୍ୟାୟରେ ବଲାଙ୍ଗିର ଲୋକସଭା ଆସନ ପାଇଁ ଭୋଟ ନିଆଯିବ ।

ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲା ୧୩ ଲକ୍ଷ ୨୩ ହଜାର ୧୬୨ ଜଣ ମତଦାତା ଅଛନ୍ତି । ସେଥିମଧ୍ୟରୁ ୬ ଲକ୍ଷ ୭୦ ହଜାର ୪୦୬ ଜଣ ପୁରୁଷ ଭୋଟର ଥିବାବେଳେ ୬ ଲକ୍ଷ ୫୨ ହଜାର ୪୬୬ ଜଣ ମହିଳା ଭୋଟର ଅଛନ୍ତି । ଚଳିତ ନିର୍ବାଚନରେ ଜିଲ୍ଲାରେ ୩୨ ହଜାର ୧୩୧ ଜଣ ନୂତନ ଯୁବ ଭୋଟର ସାମିଲ ହୋଇଥିବା ନେଇ ସୂଚନା ମିଳିଛି ।  ମତଦାନ ପାଇଁ ଜିଲ୍ଲାରେ ୧ ହଜାର ୫୪୮ଟି କେନ୍ଦ୍ର କରାଯାଇଛି । ସେଥି ମଧ୍ୟରୁ ୧୪୦ଟି ସଖୀ ବୁଥ୍ ଏବଂ ୨୫ଟି ଆଦର୍ଶ ଯୁବ ମତଦାନ କେନ୍ଦ୍ର କରାଯାଇଥିବା ନେଇ ବଲାଙ୍ଗିର ଜିଲାପାଳ ଗୌର ଶିବାଜୀ ଇସଲୱାର କହିଛନ୍ତି....

**- V/O -**

ବଲାଙ୍ଗିର ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଏସ୍.ପି. ଋଷିକେଶ ଖିଲାରୀ କହିଛନ୍ତି......

**- V/O –**

# +୨ ଖାତାଦେଖା

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଯୁକ୍ତଦୁଇ ପରୀକ୍ଷାକେନ୍ଦ୍ର ଗୁଡ଼ିକରେ ଖାତାଦେଖା ଆଜିଠାରୁ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ଖାତାଦେଖାର ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୪ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୦ହଜାର ୫୦୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଏହି ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ ବୋଲି ପରିଷଦ ପକ୍ଷରୁ କୁହାଯାଇଛି । କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନ୍ ଏବଂ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନ୍ ଜରିଆରେ କରାଯାଉଛି । ଆସନ୍ତା ମେ' ମାସ ୧୫ ତାରିଖ ମଧ୍ୟରେ +୨ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଲକ୍ଷ୍ୟ ରଖାଯାଇଛି ।

ଅନ୍ୟପକ୍ଷରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ପରୀକ୍ଷା ଖାତା ମୂଲ୍ୟାୟନ ଏପ୍ରିଲ୍ ୫ ତାରିଖ ସୁଦ୍ଧା ଶେଷ ହେବ ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି ।

## ପାଣିପାଗ

ଚଳିତ ମାସ ଶେଷ ବେଳକୁ ରାଜ୍ୟରେ ତାପମାତ୍ରା ୪୦ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

**********************************